# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ଛାତ୍ରୀଛାତ୍ର

ଦାରିଙ୍ଗବାଡ଼ି,୨।୧୨ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାଳମାଳ ସମସ୍ୟା ଲାଗି ରହିଛି। ଶୌଚାଳୟ, ପିଇବାପାଣି, ଖେଳକୁଦ ପାଇଁ ପଡ଼ିଆର ବିକାଶ, କମ୍ପୁଟର ମରାମତି, ଡାଇନିଂ ହଲ ଆଦିର ଅଭାବ ରହିଛି। ସେହିପରି ପାଚେରି ସମ୍ପୂର୍ଣ୍ଣ ନ ଥିବାରୁ ଛେଳି, କୁକୁର, ଘୁଷୁରିଙ୍କ ଚରାଭୂଇଁ ପାଲଟିଛି। ମଧ୍ୟାହ୍ନଭୋଜନ ଖାଇବା ବେଳେ ବୁଲା କୁକୁର, ଛେଳି ହଇରାଣ କରୁଛନ୍ତି। ଅସାମାଜିକ ଲୋକଙ୍କ ସ୍କୁଲ ପରିସର ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଅବାଧରେ ପଶି ବିଦ୍ୟାଳୟ ପରିସରକୁ ଶୌଚାଳୟ ଭାବେ ବ୍ୟବହାର କରୁଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବା ବେଳେ ଅପରିଷ୍କାର ହୋଇଥିବା ଦେଖି ନାକ ଟେକିବା ସହ ପାଠପଢ଼ାରେ ହଇରାଣ ହେଉଥିବା କହିଛନ୍ତି। ସେହିପରି ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରମାନେ ବାହାରେ ଶୌଚ କରୁଛନ୍ତି। ଜନ ଗହଳିପୂର୍ଣ୍ଣ ସ୍ଥାନକୁ ଶୌଚ ପାଇଁ ଯିବାବେଳେ ଅସାମାଜିକ ଯୁବକମାନେ ଫଟୋ ଉଠାଇବାକୁ ଉଦ୍ୟମ କରୁଥିବାରୁ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏନେଇ ଛାତ୍ରୀଛାତ୍ରମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି।


ପଞ୍ଚାୟତ କାର୍ଯ୍ୟାଳୟ ଘେରିଥିବା ଛାତ୍ରୀଛାତ୍ର।

**ବିଦ୍ୟାଳୟରେ ନାହିଁ ଶୌଚାଳୟ**

ଫଳରେ ଛାତ୍ରୀଛାତ୍ରମାନେ ସିଧା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ପ୍ରଧାନଙ୍କୁ ଘେରିଥିଲେ। ଏହାସହିତ କେବେ ଏହାର ସମାଧାନ କରିବେ ଆମକୁ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ଦାବି କରିଥିଲେ। ଯଦି ଦାବି ପୂରଣ ନ କରାଯାଏ ତେବେ ପଞ୍ଚାୟତ କିମ୍ବା ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିବୁ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଫେରିଥିଲେ।

# ଓଡ଼ିଆ ଭାଷା ଓ ସାହିତ୍ୟ ଆଲୋଚନାଚକ୍ର

## କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ

କବିସୂର୍ଯ୍ୟନଗର,୨।୧୨(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ତରଫରୁ ସୋମବାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୃତୀକୁ ନେଇ ଓଡ଼ିଆ ବିଭାଗ ଓ ମହା ବିଦ୍ୟାଳୟରର ଆଇକ୍ୟୁଏସି ସେଲ୍‌ର ମିଳିତ ଆନୁକୁଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗର ଛାତ୍ରୀଛାତ୍ରଙ୍କ କବିତା ଗୁଡ଼ିକୁ ନେଇ ହୋଇଥିବା ପ୍ରାଚୀର ପତ୍ରିକା 'ଧନେଇ'କୁ ମୁଖ୍ୟ ଅତିଥି ଓ ଅଧ୍ୟକ୍ଷ ଉନ୍ମୋଚନ କରିଥିଲେ। ଭରତପତି ମହା ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡକ୍ଟର ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଞ୍ଜ ସାହିତ୍ୟର ଅଳଙ୍କାର, ଛନ୍ଦ, ଉପମାର ପ୍ରୟୋଗ କିପରି ଓଡ଼ିଆ ସାହିତ୍ୟକୁ ରସପୂର୍ଣ୍ଣ କରି ପାଠକଙ୍କ ଆଦୃତ ହୋଇଛି ତାହା ପ୍ରକାଶ କରିବା ଉପେନ୍ଦ୍ର ଭଞ୍ଜଙ୍କ ସହ ତାଙ୍କ ବାପା ନୀଳକଣ୍ଠ ଭଞ୍ଜ ଓ ଜେଜେ ଧନଞ୍ଜୟ ଭଞ୍ଜଙ୍କ ସାହିତ୍ୟ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ମହା ବିଦ୍ୟାଳୟ ଅଧ୍ୟକ୍ଷ କେ.ପୁରୁଷୋତ୍ତମ ସଭାପତିତ୍ୱ କରିଥିବା ବେଳେ ବିଭାଗୀୟ ମୁଖ୍ୟ ସନ୍ତରାମ ମାଝୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ସନ୍ତୋଷ ନାଣାକା ଧନ୍ୟବାଦ ଅର୍ପଣ କରିଥିବାବେଳେ ଓଡ଼ିଆ ଅଧ୍ୟାପିକା ସୁଚିତ୍ରା ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ । ଆଇକ୍ୟୁଏସି କୋ-ଅର୍ଡିନେଟର ତଥା ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ଅଶୋକ କୁମାର ସାହୁ ଓ ବିଭାଗର ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### ବସ୍‌ଷ୍ଟାଣ୍ଡରୁ ହରିଣ ଛୁଆ ଜବତ

ବୁଗୁଡ଼ା,୨।୧୨(କାଳିଚରଣ ଦାଶ)
ବୁଗୁଡ଼ା ନୂଆ ବସଷ୍ଟାଣ୍ଡ ଭିତରୁ ଗୋଟିଏ ହରିଣ ଛୁଆକୁ ବନ ବିଭାଗ କର୍ମଚାରୀ ଜବତ କରିବା ପରେ ପ୍ରାଥମିକ ଚିକିତ୍ସା କରି ପୁଣି ଛାଡ଼ି ଦେଇଥିବା ଜଣାପଡ଼ିଛି। ସୋମବାର ସକାଳେ କୁକୁର ହାବୁଡ଼ରୁ ରକ୍ଷା ପାଇବା ପାଇଁ ଏକ ୩ ବର୍ଷର ମୃଗ ଛୁଆ ଶକ୍ତି ନଗର କେନାଲ ପଟୁ ଦୌଡ଼ି ଆସି ବସଷ୍ଟାଣ୍ଡ ଶୌଚାଳୟ ଭିତରେ ପଶି ଯାଇଥିଲା। ଖବର ପାଇ ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ମୃଗଟିକୁ ଉଦ୍ଧାର କରି ବୁଗୁଡ଼ା ବନ ବିଭାଗ କାର୍ଯ୍ୟାଳୟକୁ ନେଇଥିଲେ। ମୃଗଟିକୁ ସାମାନ୍ୟ ଆଘାତ ଲାଗିଥିବାରୁ କ୍ଷତ ସ୍ଥାନରେ ମଲମ ଲଗାଇ ପୁଣି ବିଲ ମାଳରେ ଛାଡି ଦେଇଥିଲେ।

### ଆଜିଠୁ ପ୍ରଧାନମନ୍ତ୍ରୀ ଆବାସ ସଚେତନତା

ପୋଲସରା,୨।୧୨(ସୁବ୍ରତ ବେହେରା): ପୋଲସରା ବ୍ଲକ ସଭାଗୃହଠାରେ ସୋମବାର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନିଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା ନୋଡାଲ ଅଫିସର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମଙ୍ଗଳବାରଠାରୁ ପ୍ରତି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ମାଇକ ମାଧ୍ୟମରେ ପ୍ରଚାର କରିବା ସହିତ ଲୋକ ମାନଙ୍କୁ ସଚେତନ କରିବା ପାଇଁ ଜାନି କହିଛନ୍ତି। ବୈଠକରେ ସମସ୍ତ ସରପଞ୍ଚ, ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଡେଙ୍ଗାପଦରରେ ଭାଗବତ ପ୍ରବଚନ

ଶେରଗଡ଼,୨।୧୨(ସର୍ଯ୍ୟ ନାରାୟଣ ଦାଶ) ଶେରଗଡ ବ୍ଲକ ଡେଙ୍ଗାପଦର ଗ୍ରାମସ୍ଥିତ ରଘୁନାଥ ମଠରେ ସପ୍ତାହବ୍ୟାପୀ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରବଚକ ଜଗନ୍ନାଥ ପଣ୍ଡା ଯୋଗଦେଇ ପ୍ରବଚନ ଦେଉଛନ୍ତି। ଭାଗବତ କଥାମୃତ ଶ୍ରବଣ କରିବାକୁ ସୋମବାର ପ୍ରଥମ ଦିବସ ଅବସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଠର ମହନ୍ତ ପରମାନନ୍ଦ ଦାସ ଗୋସ୍ୱାମୀ ସଂଯୋଜନା କରିଥିଲେ।

### ଥାନାରେ ନିରାଶ, ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଖଜୁରୀପଡ଼ା,୨।୧୨( ବିଦୁର ବେହେରା): ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୋଭାସରୁ ଗ୍ରାମର ନକୁଳ ପ୍ରଧାନଙ୍କ ସ୍ତ୍ରୀଙ୍କୁ ସେହି ଗାଁର ଜଣେ ଯୁବକ ଅନୈତିକ ପ୍ରେମ ସମ୍ପର୍କ ରଖି ବିଷ ଦେଇ ମାରି ଦେଇଥିବା ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ୧ ମାସ ବିତି ଯାଇଥିଲେ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଥାନାରୁ ନିରାଶ ହେବା ପରେ ନକୁଳ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ନେଇ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦୀନବନ୍ଧୁ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ତଥ୍ୟ ପ୍ରମାଣ ସଂଗ୍ରହ ଚାଲିଛି। ତଦନ୍ତ ଜାରି ରହିଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଡିଲର୍ସ ଫେଡେରେଶନର ବିକ୍ଷୋଭ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**

ଛତ୍ରପୁର,୨।୧୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ସର୍ବଭାରତୀୟ ଡିଲର୍ସ ଫେଡେରେଶନ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ସମାଧାନ ନ ହେଲେ ୩ ତାରିଖରୁ ଖୁଚୁରା ବିକ୍ରେତାମାନେ ପରିବହନ ଠିକାଦାରମାନଙ୍କଠାରୁ ସାମଗ୍ରୀ ଗ୍ରହଣ କରିବେ ନାହିଁ ବୋଲି ଉଲ୍ଲେଖ ରହିଛି। ଅନ୍ୟ ରାଜ୍ୟ ପରି କୁଇଣ୍ଟାଲ ପ୍ରତି ୨୦୦ଟଙ୍କା ପାରିଶ୍ରମିକ ପ୍ରଦାନ କରିବା, କରୋନା ସମୟରେ ଏ ଯାଏ ଖୁଚୁରା ବିକ୍ରେତାମାନଙ୍କ ବକେୟା ସମସ୍ତ ପାରିଶ୍ରମିକ ଏକକାଳୀନ ପ୍ରଦାନ କରିବା, ପରିବହନ ଠିକାଦାରମାନଙ୍କ ଦ୍ୱାରା ସାମଗ୍ରୀ ପହଞ୍ଚାଇବା ସମୟରେ ହେଉଥିବା ଅନିୟମିତତା ବନ୍ଦ ପାଇଁ ବ୍ୟବସ୍ଥା କରିବା ଆଦି ଦାବି ରହିଛି।


ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଭାରତୀୟ ମଜଦୁର ସଂଘ ବୈଠକ

ଶେରଗଡ଼,୨।୧୨(ସୂର୍ଯ୍ୟ ନାରାୟଣ ଦାଶ)
ଭାରତୀୟ ମଜଦୁର ସଂଘ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ଆହ୍ୱାନରେ ଏକ ବୈଠକ ଶେରଗଡ଼ ବ୍ଲକ ଗୋବିନ୍ଦପୁରରେ ଅନୁଷ୍ଠିତ ହୋଇଛି। ସଂଘର ଜିଲା ଉପସଭାପତି ଚପଳା ନାୟକ, ସଙ୍ଗଠନ ସମ୍ପାଦକ ଗୋପାଳକୃଷ୍ଣ ସ୍ୱାଇଁ ଓ ଜିଲା ସମ୍ପାଦକ ଅର୍ଜ୍ଜୁନ ବେହେରା ଯୋଗ ଦେଇଥିଲେ। ବୈଠକରେ ଶେରଗଡ ବ୍ଲକର ବିଭିନ୍ନ ବ୍ଲକରୁ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସର୍ବମତିକ୍ରମେ ବ୍ଲକ କମିଟି ଚୟନ କରାଯାଇଥିଲା। ମଜଦୁର ସଂଘର ଶେରଗଡ଼ ବ୍ଲକ ସଭାପତି ଭାବେ ଗୌରହରି ସାବତ, ଉପସଭାପତି ବୃନ୍ଦାବନ ଦାସ, ଉପଦେଷ୍ଟା ଗୋଲକ ପରିଡ଼ା, ସମ୍ପାଦିକା ମାଳ ବେହେରା, ସହ ସମ୍ପାଦିକା ବିନୋଦିନୀ ମହାରଣା, ସହ ସମ୍ପାଦକ ଉମା ଚରଣ ସାମଲ, କୋଷାଧ୍ୟକ୍ଷ ସନାତନ ସ୍ୱାଇଁ ମନୋନୀତ ହୋଇଥିଲେ। ବିନୋଦିନୀ ନାୟକ ରୀନା ଜେନା, ସଞ୍ଜାନୀ ଜେନା, ନମିତା ବେହେରା, କୋକିଳ ସ୍ୱାଇଁ, ବିଷ୍ଣୁ ସ୍ୱାଇଁ, ଅନିତା ଜେନା, ନଳିନୀ ବେହେରା, ବନିତା ଜେନା ଓ ଝୁମୁରି ଆଦିଙ୍କୁ କାର୍ଯ୍ୟକାରୀ ସଦସ୍ୟ ରୂପେ ଚୟନ କରାଯାଇଥିଲା।

# ରେଳଧାରଣାରୁ ଦାଦନ ଶ୍ରମିକଙ୍କ ମୃତଦେହ ଜବତ

ଦାରିଙ୍ଗବାଡ଼ି,୨।୧୨ (ଅରୁଣ ସାହୁ)
ପଲାସା ଥାନାଠାରୁ ୨୦ କିଲୋମିଟର ଦୂରରେ ଥିବା ରେଳ ଧାରଣାରୁ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଜବତ କରାଯାଇଛି। ଶ୍ରମିକ ଜଣକ ହେଲେ ଦାରିଙ୍ଗବାଡ଼ି ଥାନା ଶ୍ରାନିକେତା ପଞ୍ଚାୟତ ଶୀତଳପାଟା ଗ୍ରାମର ମୁନା ପ୍ରଧାନ। ମୁନା କିଛିଦିନ ତଳେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ। ସେଠାରେ ମାତ୍ର ଦିନେ କାମକରି ତାଙ୍କ ଦେହ ଖରାପ ହେବାରୁ ପୁଣି ଗାଁକୁ ଫେରୁଥିଲେ। ଫେରିବା ବେଳେ ମୁନାଙ୍କ ସହ ଆଉ ଜଣେ ଥିଲେ। ଅନ୍ୟ ଜଣେ ଘରକୁ ଫେରିଥିଲେ ମଧ୍ୟ ମୁନା ଆସି ନ ଥିବାରୁ ପରିବାର ଲୋକ ବ୍ୟସ୍ତ ହୋଇପଡ଼ିଥିଲେ। ଅଞ୍ଚଳରେ କାର୍ଯ୍ୟରତ ଗ୍ରାମବିକାଶ ଓ ଜାଗୃତି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ପରିବାର ଲୋକ ଯୋଗାଯୋଗ କରିବା ପରେ ଅନୁଷ୍ଠାନ ପକ୍ଷରୁ ପଲାସା ଅଞ୍ଚଳ ରେଲୱେ ପୋଲିସ ସହ ଯୋଗାଯୋଗ କରି ମୁନାଙ୍କ ମୃତଦେହକୁ ଚିହ୍ନଟ କରିଥିଲେ। ମୁନା କୌଣସି କାରଣରୁ ଟ୍ରେନରୁ ଖସି ପଡ଼ିଥିବା ସନ୍ଦେହ କରାଯାଉଛି। ତାଙ୍କ ମୃତଦେହକୁ ସେଠାରେ ବ୍ୟବଚ୍ଛେଦ କରାଯାଇ ଗାଁକୁ ଅଣାଯାଉଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର କଳାବତୀ ମାଝୀ କହିଛନ୍ତି।

# ୫ ଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଟ୍ରାଇଫେଡ଼ ଉପାଧ୍ୟକ୍ଷ

## କନ୍ଧମାଳର ସବୁ ବ୍ଲକରେ ହେବ ମହୁଲ ଫୁଲରୁ ଖାଦ୍ୟ ପ୍ରସ୍ତୁତି କେନ୍ଦ୍ର

ଦାରିଙ୍ଗବାଡ଼ି,୨।୧୨ (ଅରୁଣ ସାହୁ)

ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଥିବା ଟ୍ରାଇବାଲ କୋପରେଟିଭ ମାର୍କେଟିଂ ଡେଭଲପମେଣ୍ଟ ଫେଡେରେଶନ ଅଫ ଇଣ୍ଡିଆ ଲିମିଟେଡ୍‌ର (ଟ୍ରାଇଫେଡ଼) ଉପାଧ୍ୟକ୍ଷ ପବିତ୍ର କହଁର ୫ ଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଅଛନ୍ତି। ଉକ୍ତ ରାଜ୍ୟରେ ବନଧନ ବିକାଶ କେନ୍ଦ୍ରଗୁଡ଼ିକ ବୁଲି ଦେଖିଛନ୍ତି। ବିଶେଷକରି ଓଡ଼ିଶାରେ ଏହି ଯୋଜନାକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ସହ ପାରମ୍ପରିକ ଜଙ୍ଗଲଜାତୀୟ ଦ୍ରବ୍ୟ ହଳଦୀ, ଅଦା, ତେନ୍ତୁଳି, ଖଲିପତ୍ର ଆଦିକୁ ପ୍ରସ୍ତୁତି ଓ ବିକ୍ରି କରି ଜୀବନଜୀବିକା ସ୍ୱାବଲମ୍ବୀ କରାଯାଉଥିବା ବେଳେ ଏହି କାର୍ଯ୍ୟ ମଧ୍ୟପ୍ରଦେଶରେ ବନ ବିଭାଗ ମାଧ୍ୟମରେ ସେଠାକାର ଜୀବନଜୀବିକା ସ୍ୱାବଲମ୍ବୀ ପାଇଁ କାର୍ଯ୍ୟ କରୁଛନ୍ତି। ମଧ୍ୟପ୍ରଦେଶର ବୈତୁଲ ଜିଲାର ଖେଡ଼ି ସାବିଲିଗଡ଼ ଗ୍ରାମରେ ମହିଳାମାନଙ୍କ ଦ୍ୱାରା ଖଲିପତ୍ର ପ୍ରସ୍ତୁତି କରାଯାଉଛି, ଯାହାକୁ ଉପାଧ୍ୟକ୍ଷ ଦେଖିବା ସହ ଉକ୍ତ ରାଜ୍ୟର ରାବଲୀପଡା ଗ୍ରାମରେ ମହୁଲ ଫୁଲରୁ ଲଡ୍ଡୁ ବିସ୍କେଟ ଭଳି ଉତ୍ତମ ଖାଦ୍ୟ ପ୍ରଣାଳୀ କେନ୍ଦ୍ରକୁ ଦେଖିଛନ୍ତି। ସେ ପ୍ରତିକ୍ରିୟାରେ କହିଛନ୍ତି, କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ଗ୍ରାମରେ ଏଭଳି ଖଲି ପ୍ରସ୍ତୁତ କେନ୍ଦ୍ର ରହିଛି। ଆଗାମୀ ଦିନରେ ମହୁଲ ଫୁଲ ଏବଂ ଖଲିପତ୍ର ପ୍ରସ୍ତୁତି କେନ୍ଦ୍ର ସମସ୍ତ କନ୍ଧମାଳର ସବୁ ବ୍ଲକରେ କରାଯିବାକୁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଥିବା ଟ୍ରାଇବାଲ କୋପରେଟିଭ ମାର୍କେଟିଂ ଡେଭଲପମେଣ୍ଟ ଫେଡେରେଶନ ଅଫ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସୋମବାର ଆମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ଉପାଧ୍ୟକ୍ଷ କହଁର ଗସ୍ତ ସମୟରେ ଖେଡି ସାବିଲି ଗଡ଼ର ବନାଞ୍ଚଳ ଅଧିକାରୀ ଶ୍ୟାମଲତା ମରାବୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


ମଧ୍ୟପ୍ରଦେଶର ବୈତୁଲ ଜିଲାର ଖେଡ଼ି ସାବିଲିଗଡ଼ ଗ୍ରାମରେ ମହିଳାମାନଙ୍କ ସହ ଟ୍ରାଇଫେଡ୍ ଉପାଧ୍ୟକ୍ଷ।

### ନିର୍ମାଣ ଶ୍ରମିକ ତାଲିକାରେ ନାଁ ଥାଇ ମିଳୁନି ସହାୟତା

ଛତ୍ରପୁର, ୨।୧୨(ଦିଲ୍ଲିପ ସାମଲ)ନିର୍ମାଣ ଶ୍ରମିକ ରୂପେ କାର୍ଡରେ ନାମ ଅଛି। ଗରିବ ଶ୍ରେଣୀର ହୋଇ ମଧ୍ୟ ଝିଅ ବାହାଘର ପାଇଁ ସହାୟତା ମିଳୁନି। ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷ ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ଏପରି ଅଭିଯୋଗ ଆଣିଛନ୍ତି ଗଞ୍ଜାମ ବ୍ଲକ ଅନ୍ତର୍ଗତ ଗଡ଼ହୁମା ଗ୍ରାମର ଚନ୍ଦ୍ରମା ମୁଦୁଲି। ନିଜ ଝିଅ ବାହାଘର ପାଇଁ ସହାୟତା ଯୋଗାଇ ଦେବାକୁ ସେ ଜିଲା ପ୍ରଶାସନକୁ ଲିଖିତ ଭାବେ ନିବେଦନ କରିଛନ୍ତି। ଏନେଇ ପୂର୍ବରୁ ସେ ଶ୍ରମ ଅଧିକାରୀ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ କିଛି ସୁଫଳ ପାଇ ନ ଥିବା କହିଛନ୍ତି।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଖେଳାଳି ।

ଚକାପାଦ,୨।୧୨(ପ୍ରତାପ କିଶୋର ବେହେରା)
ଚକାପାଦ ବ୍ଲକ କୁସୁମେଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଡୁତେନ୍ତୁଳି ଗ୍ରାମର ଗୌରୀ ଯୁବକ ସଂଘର ୧୭ତମ ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରଥମଥର ଜିଲା ଓ ଜିଲା ବାହାରୁ ପ୍ରତିଯୋଗୀମାନଙ୍କୁ ନେଇ ପ୍ରତିଯୋଗିତା ଆୟୋଜନ ହୋଇଛି। ଏହା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀରେ ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର, ଲାଇନପଡ଼ା ଫାଣ୍ଡି ଅଧିକାରୀ ବିଷ୍ଣୁ ଚରଣ କହଁର, ଖୁଡୁତେନ୍ତୁଳି ଉପ୍ରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନି ଖମାରୀ, ଗୋପବନ୍ଧୁ ଦାସ, ପୂର୍ବତନ ଉପାଧ୍ୟକ୍ଷ ଅନିରୁଦ୍ଧ ପୃଷ୍ଟି, ଅବସରପ୍ରାପ୍ତ ସବ ଇନ୍‌ସପେକ୍ଟର ସୁଧିର କୁମାର ଦିଗାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନ କଳିଙ୍ଗା ଓ ଫୁଲବାଣୀ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିବା ବେଳେ କଳିଙ୍ଗା ଦଳ ଫୁଲବାଣୀ ଟିମକୁ ୨୨ ପଏଣ୍ଟ କରି ନିଜ ସ୍ଥାନ ଅକ୍ତିଆର କରିଥିଲେ। ଆସନ୍ତା ୬ ଦିନରେ ବହୁ ପ୍ରତିଭା ଟିମ ଅଂଶଗ୍ରହଣ କରିବେ ବୋଲି ସଭାପତି ଚିତ ରଞ୍ଜନ ଦିଗାଳ ସୂଚନା ଦେଇଛନ୍ତି।

# ହାତୀ ଅସୁସ୍ଥ ଗୁଜବର ସତ୍ୟତା ନାହିଁ: ଡିଏଫ୍‌ଓ

## ଗଞ୍ଜାମ-କନ୍ଧମାଳ ସୀମାରେ ଡିଏଫ୍‌ଓ ଜଗିଛନ୍ତି ହାତୀ

ଭଞ୍ଜନଗର,୨।୧୨(ବାବୁଲା ପ୍ରଧାନ)
ଆଜକୁ ଏକ ମାସ ହେବ ଏକ ହାତୀ ଅସୁସ୍ଥ ହୋଇ ଘୁମୁସର ଉତ୍ତର ବନଖଣ୍ଡରେ ଘୁରି ବୁଲୁଥିବା ଗୁଜବ ହେଉଛି। ମାତ୍ର ଆଜି ସୁଧା ବିଭାଗୀୟ କର୍ମଚାରୀମାନେ ଅସୁସ୍ଥ ହାତୀ ସମ୍ପର୍କରେ କୌଣସି ସୁରାକ ପାଇ ପାରିନାହାନ୍ତି। କର୍ମଚାରୀମାନେ ନିୟମିତ ହାତୀପଲର ଗତିବିଧି ଉପରେ ନଜର ରଖୁଛନ୍ତି। ଏହିଭଳି ପରିସ୍ଥିତିରେ ସୋମବାର ସନ୍ଧ୍ୟାରେ ଏକ ୨୬ ଟିକିଆ ହାତୀପଲ ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା ବ୍ରାହ୍ମଣପଦର ଗ୍ରାମକୁ ଚାଲି ଆସିଛନ୍ତି। ହାତୀପଲ ଗ୍ରାମର ଧାନ ଫସଲ ନଷ୍ଟ କରୁଛନ୍ତି। ଖବର ଲେଖା ହେବା ବେଳକୁ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ଗାଳେରି ରେଞ୍ଜର ଆଶାଲତା ଦିଗାଳ ଘଟଣା ସ୍ଥଳରେ ରହି ହାତୀକୁ ଜଙ୍ଗଲ ଭିତରକୁ ସୁରକ୍ଷିତ ଭାବେ ଘଉଡ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ସନ୍ଧ୍ୟା ସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ ହାତୀ ଏହି ବନଖଣ୍ଡରେ ଥିବା ଜଣାପଡିଛି । ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କିଛିବର୍ଷ ହେଲା ବନ୍ୟପ୍ରାଣୀଙ୍କ ପାଇଁ ସୁରକ୍ଷିତ ବାସସ୍ଥଳି ପାଲଟିଛି। ହାତୀମାନେ କନ୍ଧମାଳ ଓ ନୟାଗଡ଼ ବନଖଣ୍ଡରୁ ଚାଲି ଆସି ଏଠାରେ ସୁରକ୍ଷିତ ଭାବେ ଘୁରି ବୁଲୁଛନ୍ତି। ଏ ସମ୍ପର୍କରେ ଡି ଏଫଓ ହିମାଂଶୁ ଶେଖର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଅସୁସ୍ଥ ହାତୀ ସମ୍ପର୍କରେ କୌଣସ ସୂଚନା ନାହିଁ। ତଥାପି କର୍ମଚାରୀମାନେ ସମସ୍ତ ଦିଗକୁ ଦେଖି ତନଖି ଜାରି ରଖିଛନ୍ତି।

ଏଠାରେ ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀ କିଭଳି ସୁରକ୍ଷିତ ରହିବ ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏହି ବନଖଣ୍ଡରେ ଅନେକ ଘଞ୍ଚ ଜଙ୍ଗଲ ରହିଛି। ବନ୍ୟପ୍ରାଣୀଙ୍କୁ ଆବଶ୍ୟକ ଖାଦ୍ୟ ମଧ୍ୟ ମିଳିଯାଉଛି । ଫଳରେ ଅନ୍ୟ ଅଞ୍ଚଳରୁ ବନ୍ୟପ୍ରାଣୀ ଆସିଲେ ଏଠାରୁ ଆଉ ସହଜରେ ଅନ୍ୟ ଜଙ୍ଗଲକୁ ଯିବାକୁ ଚାହୁଁନାହାନ୍ତି। ୭ମାସ ତଳେ ମହାରାଷ୍ଟ୍ରରୁ ଏହି ବନଖଣ୍ଡକୁ ଚାଲି ଆସିଥିବା ବାଘ ୭ ମାସ ଏଠି ସୁରକ୍ଷିତ ଭାବେ ଘୁରି ବୁଲିଥିଲା। ଏହି ସମୟରେ କର୍ମଚାରୀମାନେ ବାଘକୁ ଧରିବା ପାଇଁ ଚେଷ୍ଟା କରିଥିଲେ। ଏହି ସୁରାକ ପାଇ ବାଘ ଏହି ବନଖଣ୍ଡ ଛାଡ଼ି ଦକ୍ଷିଣ ଘୁମୁସର ବନଖଣ୍ଡ ହୋଇ ବ୍ରହ୍ମପୁର ବନଖଣ୍ଡକୁ ଚାଲି ଯାଇଥିଲା। ପରେ ଗଜପତି ଜିଲା ଅଭିମୁଖେ ଯାଇଥିଲା। ଏହା ପରଠୁ ଘୁମୁସର ଉତ୍ତର ବନଖଣ୍ଡକୁ ଆଉ ଉକ୍ତ ବାଘ ଫେରିନାହିଁ।


ଡିଏଫଓ ଜଙ୍ଗଲରେ ରାତ୍ରୀ ପାଟ୍ରୋଲିଂ କରୁଛନ୍ତି।

### ୯୦ ୟୁନିଟ୍ ରକ୍ତ ସଂଗୃହୀତ

ଜି.ଉଦୟଗିରି,୨।୧୨
(ଚିନ୍ମୟ କୁମାର ସେଠୀ): ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ନିତ୍ୟ ସୁନ୍ଦର ଦାସ ତଥା ସଂଜୀବନୀ ପାଥଲୋଜି ଓ ଔଷଧ ଦୋକାନ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଟାଉନହଲ ନିକଟରେ ଅନୁଷ୍ଠିତ ହୋଇଯାଇଛି। 'ଆପଣଙ୍କ ସ୍ୱଳ୍ପ ରକ୍ତଦାନ ଆଉ କାହା ପାଇଁ ହେବ ଜୀବନ ଦାନ' ବାର୍ତ୍ତା ସହ ଯୁବ ସ୍ୱେଚ୍ଛାସେବୀ ଦାସ ତାଙ୍କ ସ୍ତ୍ରୀ ସବନମ ପ୍ରଧାନ ଓ ବନ୍ଧୁମାନଙ୍କ ସହଯୋଗରେ ପ୍ରତିବର୍ଷ ଭଳି ଡିସେମ୍ବର ୧ ତାରିଖରେ ୧୭ ତମ ଏହି ଶିବିର ଆୟୋଜନ କରିଥିଲେ। ଫୁଲବାଣୀ ରକ୍ତ ଭଣ୍ଡାରରୁ ସ୍ୱତନ୍ତ୍ର ରକ୍ତ ସଂଗ୍ରହ ଭ୍ୟାନ ସହ ଡାକ୍ତରୀ ଦଳ ଗଣେଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଡିଏମଏ ପ୍ରଶାନ୍ତ କୁମାର ରତ୍ନାଲୁ, ଏଲଟି ଦୀନକୃଷ୍ଣ ମହନ୍ତ, ନର୍ସ ଅର୍ଚ୍ଚନା ପ୍ରଧାନ, ବରୁଣ ବେହେରା ଓ ଜ୍ୟୋତିରଞ୍ଜନ ପୃଷ୍ଟି, ସୁଜିତ ସାହୁ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ସମୁଦାୟ ୯୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡ ପ୍ରଦୀପ୍ତ କୁମାର ପ୍ରଧାନ, ହିମାଂଶୁ ଶେଖର ସାହୁ, ଚିନ୍ମୟ ଜେନା, ଆଶିଷ ପ୍ରଧାନ, ରଜତ ପଟ୍ଟନାୟକ, ଦେବବ୍ରତ ସାହୁ, ସାଗର ସିଂ, ଆଶିଷ କୁମାର ମୁଣ୍ଡା, କହ୍ନା ଡାକୁଆ ପ୍ରମୁଖ ଶିବିରକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲା ଓକିଲ ସଂଘ

## ଓକିଲଙ୍କୁ ଏସିଡ଼ ମାଡ଼ ଘଟଣାରେ ପୋଲିସ ହାତ ଖାଲି

ପାରଳାଖେମୁଣ୍ଡି,୨।୧୨
(ଗିରିଧାରୀ ପରିଚ୍ଛା)
ପାରଳାଖେମୁଣ୍ଡି ଓକିଲ ସଂଘର ବରିଷ୍ଠ ସଦସ୍ୟ ପି.ରାମାରାଓଙ୍କ ଉପରେ ନଭେମ୍ବର ୯ ତାରିଖ ଅପରାହ୍ନ ୪ଟାରେ ଦୁଇଜଣ ଦୁର୍ବୃତ୍ତ ଏସିଡ଼ ମାଡ଼ କରି ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ଘଟିବାକୁ ୨୪ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ପୋଲିସ ହାତ ଖାଲି ପଡିଛି। ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠାଇ ସୋମବାର ଆନ୍ଦୋଳନକୁ ଓହ୍ଲାଇଛି ଜିଲା ଓକିଲ ସଂଘ ଏହି ଘଟଣାକୁ ନେଇ ବର୍ତ୍ତମାନ ପାରଳାଖେମୁଣ୍ଡିରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ସଂଘ ଅଭିଯୋଗ କରିଛି। ଘଟଣା ପରେ ଏହାର ପ୍ରତିବାଦରେ ନଭେମ୍ବର ୧୨ରୁ ୫ ଦିନ ଧରି କୋର୍ଟ ସମ୍ମୁଖରେ ଓକିଲସଂଘ କାର୍ଯ୍ୟ ବନ୍ଦ କରି ଧାରଣା ଦେଇଥିଲା । ପରବର୍ତ୍ତୀ ସମୟରେ ୧୫ ଦିନ ମଧ୍ୟରେ ଘଟଣାର ପର୍ଦ୍ଦାଫାଶ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏଯାବତ ପୋଲିସ ଏହି ଘଟଣାରେ ଆଖିଦୃଶିଆ ପଦକ୍ଷେପ ନେଇ ନାହିଁ ବୋଲି ସଂଘ ସମ୍ପାଦକ ଏମ. ପୃଥିବୀରାଜ କହିଛନ୍ତି। ଓକିଲମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳ, ଏସ୍‌ପିଙ୍କ ସମେତ ମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, ଆଇନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ସଂଘ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବ ବୋଲି ସଂଘ ସଭାପତି ସ୍ୱରୂପ ସ୍ୱପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପ ସଭାପତି ଶିଶିର ଜେନା, ରାମକୃଷ୍ଣ ନାୟକ, ସନ୍ଦୀପ ପଟ୍ଟନାୟକ, ସାନ୍ତନୁ ଆଚାର୍ଯ୍ୟ, କୈଳାସ ଚନ୍ଦ୍ର ଗୌଡ,ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।
ଏ ସମ୍ପର୍କରେ ଏସ୍‌ପି ଜତିନ୍ଦ୍ର କୁମାର ପଣ୍ଡା କହିଛନ୍ତି, ପୋଲିସ ସବୁଦିଗକୁ ନେଇ ତଦନ୍ତ ଜାରି ରଖିଛି। ସୀମାନ୍ତ ଅଞ୍ଚଳ ହୋଇଥିବାରୁ ବାହାର ରାଜ୍ୟର ଅପରାଧୀଙ୍କ ସାମିଲ ଥିବା ଅନୁମାନ କରାଯାଉଛି। ଯଥା ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଓକିଲମାନଙ୍କ ବାହାରିଥିବା ଶୋଭାଯାତ୍ରା।

## ପ୍ରି-ଖ୍ରୀଷ୍ଟମାସ ପାଳିତ

ଜି.ଉଦୟଗିରି,(ଚିନ୍ମୟ କୁମାର ସେଠୀ)ଧୁମଧାମ୍‌ରେ ବଡ଼ଦିନ ପାଳନ ପାଇଁ ଖ୍ରୀଷ୍ଟ ସମ୍ପ୍ରଦାୟ ଜନସାଧାରଣଙ୍କ ତରଫରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଚର୍ଚ୍ଚରେ ପ୍ରି-ଖ୍ରୀଷ୍ଟମାସ ସେଲିବ୍ରେଶନ ପାଳନ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଡିସେମ୍ବର ମାସର ପ୍ରଥମ ଦିନ ଠାରୁ ନୂଆସାହି ବାପଟିଷ୍ଟ ଚର୍ଚ୍ଚ, କଳିଙ୍ଗା ଚର୍ଚ୍ଚ, ମାଲିକାପଡ଼ି ଚର୍ଚ୍ଚ, କନବାଗିରି ଚର୍ଚ୍ଚ, ସୁକାନାଣ୍ଡା କ୍ୟାଥଲିକ ଚର୍ଚ୍ଚ ତଥା ଅଞ୍ଚଳର ସମସ୍ତ ଚର୍ଚ୍ଚ ତରଫରୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ ୨୫ ଡିସେମ୍ବର ପାଳନ ପୂର୍ବରୁ ୧ ତାରିଖ ଠାରୁ ପ୍ରି-ଖ୍ରୀଷ୍ଟମାସ ଉତ୍ସବ ପାଳନ ଆରମ୍ଭ କରାଯାଇଛି।

## ହତ୍ୟା ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, ୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)
ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀ ସୋମବାର ଏକ ହତ୍ୟା ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ଜି.ବୈଦ୍ୟନାଥ ରେଡ୍ଡୀ ଓରଫ ମଣ୍ଟୁଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପୂର୍ବରୁ ଉକ୍ତ ମାମଲାର ମୁଖ୍ୟ ଅଭିଯୁକ୍ତ ଜଗବନ୍ଧୁ ସାହିର ଶଙ୍କର ନାଇକ , ପୁରୁଣା ବ୍ରହ୍ମପୁରର ଶିବ ମହାପାତ୍ରଙ୍କୁ ଜଜ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ପ୍ରମାଣ ଅଭବାରୁ ରଞ୍ଜନ ଦାଶଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ୨୦୧୧ ଅକ୍ଟୋବର ୨୮ରେ ହିଞ୍ଜିଳିକାଟୁ ଥାନା ସାଉଁଳେଇର ଯୋଗେନ୍ଦ୍ର ପାତ୍ର ତାଙ୍କ ଭିଣୋଇଙ୍କ ସହ ବାଇକ୍‌ରେ ରାତିରେ ଫେରୁଥିବାବେଳେ ବଡବଜାର ଥାନା ଜଗବନ୍ଧୁ ସାହି ଛକରେ ତାଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏନେଇ ଯୋଗେନ୍ଦ୍ରଙ୍କ ସ୍ତ୍ରୀ ମାମା ପାତ୍ରଙ୍କ ଅଭିଯୋଗ କ୍ରମେ ଉପରୋକ୍ତ ୪ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପୋଲିସ ନଂ.୧୪୪/୧୧ରେ ଏକ ମାମଲା ରୁଜୁ କରି ଶଙ୍କର ନାଇକ, ଶିବ ମହାପାତ୍ର ଓ ରଞ୍ଜନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ବୈଦ୍ୟନାଥ ରେଡ୍ଡୀଙ୍କ ବିରୋଧରେ ୱାରେଣ୍ଟ ଜାରି କରିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ବିଚାର ବେଳେ ୧୦ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମୁଦାଲାଙ୍କ ପକ୍ଷରୁ ପ୍ରଭାକର ସାବତ ମକଦ୍ଦମା ପରିଚାଳନା କରୁଥିଲେ।

## ଚୋରି ମାମଲା, ଜଣେ ଗିରଫ

ଗୋପାଳପୁର, ୨।୧୨(ନବୀନ ରାଜ ଆଚାରୀ)
ଗୋପାଳପୁର ବେଳାଭୂମି ନିକଟସ୍ଥ ବିଜୁ ଆଡଭେନଚର ଉଦ୍ୟାନ ନିକଟରେ ଥିବା ଏକ ଦୋକାନରୁ ଚୋରି ମାମଲା ସୋମବାର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ବ୍ରହ୍ମପୁର ସୋମନାଥ ନଗର ୫ ଲାଇନର ଅରସିଦ୍ ହୁର୍ସିୟାନ କନ୍‌ସାରି । ସୂଚନା ପ୍ରକାରେ ଏହି ଥାନା ଅଧିନସ୍ଥ ବିଜୁ ଆଡଭେନଚର ଉଦ୍ୟାନ ନିକଟରେ ଜି ନୋକାମ୍ମାଙ୍କ ଦୋକାନ ରହିଛି। ନଭେମ୍ବର ୩୦ ତାରିଖ ରାତିରେ ତାଙ୍କ ଦୋକାନରୁ ୫ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା।

## ବ୍ଲକ କାର୍ଯ୍ୟାଳୟ ଧସ୍ତାଧସ୍ତି, ଥାନାରେ ଏତଲା

ଦିଗପହଣ୍ଡି, ୨।୧୨(ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଗୋକର୍ଣ୍ଣପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ୨ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଜଣାପଡିଛି। ଏନେଇ ବି.କାର୍ତ୍ତିକ ଦୋରା ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଗ୍ରାମରେ ଏମ୍‌ଜିଏନଆରଜିଏସ ଯୋଜନାରେ ଚାଲିଥିବା ଉନ୍ନୟନ କାର୍ଯ୍ୟକୁ ନେଇ ଉଭୟ ଗୋଷ୍ଠୀ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ତେବେ କୌଣସି କାରଣରୁ ପାଟିତୁଣ୍ଡ ଓ ଧସ୍ତାଧସ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ କାର୍ତ୍ତିକ ଥାନାରେ ପହଞ୍ଚି ଗ୍ରାମର ସୀମା ରେଡ୍ଡୀ, ଜି. ବଂଶୀ ଦୋରା, ଜି .ନିରଞ୍ଜନ ରେଡ୍ଡୀ, ଜି.ସୁଶାନ୍ତ ରେଡ୍ଡୀଙ୍କ ନାଁ ଏତଲା ଦେଇଥିବା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

## ବିଶ୍ୱ ଏଡ୍‌ସ ଦିବସ ପାଳିତ

ଆର.ଉଦୟଗିରି, ୨।୧୨(ମନୋଜ କୁମାର ପାଢ଼ୀ)
ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେ. ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡକ୍ରସ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରା ସଭାପତିତ୍ୱ କରି ଏଡ୍‌ସ ସମ୍ପର୍କରେ ବୁଝାଇ ଏନେଇ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ସଭାରେ ବିଦ୍ୟାଳୟର ଜେଆରସି କାଉନସେଲର ସଞ୍ଜୟ ଗୌଡ଼, କେଦାରନାଥ କର, ପ୍ରଜ୍ଞାଦିପ୍ତା ପାଇକ, ସଙ୍ଗୀତା କୁମାରୀ ସାହୁ, ପ୍ରହ୍ଲାଦ ଶିଅଳ ପ୍ରମୁଖ ନିଜ ମତ ରଖିଥିଲେ। ଶିକ୍ଷକ ଯୁଧିଷ୍ଠିର ପାଇକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଳିଙ୍ଗ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା

**ଜି.ଉଦୟଗିରି, ୨।୧୨(ଶିଶିର ପଟ୍ଟନାୟକ):** ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟରେ ରେଡ ରିବନ୍ କ୍ଲବ୍ ଓ ଜାତୀୟ ସେବା ଯୋଜନାର ସୌଜନ୍ୟରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ରେଡ୍ ରିବନ କ୍ଲବ୍‌ର ସଂଯୋଜକ ତପନ ଚନ୍ଦ୍ର ନାୟକ ଅତିଥି ଗଣଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟର ଡ଼ା.ଦେବବ୍ରତ ବାରିକ ଛାତ୍ରୀଛାତ୍ରମାନଙ୍କୁ ଏଡ୍‌ସ ରୋଗର ଭୟାବହତାର କାରଣ ଓ ନିଦାନ ସମ୍ପର୍କରେ ସଚେତନ କରାଇଥିଲେ।

# ଜୋର୍ ଧରିଲା ଫୁଲବାଣୀକୁ ରେଳପଥ ସଂଯୋଗ ଦାବି




ଫୁଲବାଣୀ, ୨।୧୨(ରାକେଶ କୁମାର ରାଉତ)
କନ୍ଧମାଳ ଜିଲାକୁ ରେଳପଥ ସଂଯୋଗ ନ ହେବାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସୋମବାର ମିଳିତ ନାଗରିକ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି। ଦୀର୍ଘ ବର୍ଷର ଦାବି ସତ୍ତ୍ୱେ ଗୋପାଳପୁର ସମ୍ବଲପୁର ଭାୟା ଫୁଲବାଣୀ ରେଳପଥ ନିର୍ମାଣ ପାଇଁ ସରକାରୀ ତତ୍ପରତା ପ୍ରକାଶ ପାଉନାହିଁ। ଜନସାଧାରଣଙ୍କ ଦୀର୍ଘ ବର୍ଷର ଦାବି ଫଳରେ ଗୋପାଳପୁର ସମ୍ବଲପୁର ରେଳପଥ ପାଇଁ ୨୦୨୨-୨୩ରେ ଅନୁମୋଦନ କରାଯାଇ ଅର୍ଥ ମଞ୍ଜୁର କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ୨୦୨୩-୨୪ରେ ଫୁଲବାଣୀ ସହର ଏହି ରେଳପଥ ସଂଯୋଗରୁ ବଞ୍ଚିତ ହୋଇଥିବା ରେଳ ବିଭାଗ ୱେବସାଇଟ୍‌ରୁ ଜଣାପଡ଼ିଥିଲା। ଫୁଲବାଣୀ ସଦର ମହକୁମାକୁ ରେଳପଥ ସଂଯୋଗ କରି ନୂଆ ଡିପିଆର ଦାଖଲ କରିବାକୁ ଓରିଡିଲ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ। ଏହାକୁ ଏକ ବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ ଓରିଡିଲ ବା ଓଡ଼ିଶା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇନାହିଁ। ତେଣୁ ଆମେ ସରକାରଙ୍କୁ ମନେ ପକେଇ ଦେବାକୁ ଏହି ଧାରଣା ଦେଇଛୁ ବୋଲି କ୍ରିୟାନୁଷ୍ଠାନ କମିଟି ସଦସ୍ୟ ମାନେ କହିଛନ୍ତି। ଶେଷରେ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରା ଯାଇଥିଲା। ଏଥିରେ ପ୍ରତାପ ପାତ୍ର, ପ୍ରଣବ ମଣ୍ଡଳ,ନବୀନ କିଶୋର ପଣ୍ଡା, କମଳାକାନ୍ତ ପାଣ୍ଡେ, ବଂଶୀଧର ମହାପାତ୍ର, ଉମାଚରଣ କହଁର, ଅବନୀ କହଁର, ମୋହନ ପ୍ରଧାନ, ସତ୍ୟପ୍ରିୟ ମହାନ୍ତି, ବଣିକ ସଙ୍ଘ ସଭାପତି ଅଶୋକ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଡିଗାଲ, ପ୍ରଶାନ୍ତ ବେହେରା, ଜୟସେନ ପରିଡ଼ା, ବିଜୟ ମହାନ୍ତି, ଅଶୋକ ପରିଡ଼ା ପ୍ରମୁଖ ବସିଥିଲେ।

## ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପ୍ରସ୍ତୁତି ବୈଠକ

ଭଞ୍ଜନଗର, ୨।୧୨(ବାବୁଲା ପ୍ରଧାନ)
ଭଞ୍ଜନଗର ବ୍ଲକ ବାହାଡାପଦରଠାରେ ଆସନ୍ତା ଫେବୃଆରୀ ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ବାହାଡ଼ାପଦର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିକୁଞ୍ଜ ହରିଦ୍ୱାରର ନିର୍ଦ୍ଦେଶକ୍ରମେ ହୋଇଥିବା ଏହି ବୈଠକରେ ମୁଖ୍ୟ କାର୍ଯ୍ୟବାହକ ପ୍ରଫୁଲ୍ଲ ଦାସ, ଜିଲା ସମ୍ପାଦକ ରଜନୀକାନ୍ତ ମହାପାତ୍ର, ପ୍ରମୋଦ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ, ଯଜ୍ଞର ମାହାତ୍ମ୍ୟ, କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ଜେନା, ନେତାଜୀ ବିଷୋୟୀ, ସନ୍ତୋଷ ଜେନା ଆଲୋଚନାରେ ଭାଗ ନେଇ କାର୍ଯ୍ୟକ୍ରମ କିଭଳି ସଫଳ ହେବ କହିଥିଲେ। ଗାୟତ୍ରୀ ପରିବାର ତରଫରୁ ସୀମାଞ୍ଚଳ ପାତ୍ର, ରଞ୍ଜିତ କୁମାର ବିଷୋୟୀ, ପାଣୁ ବାଡତ୍ୟା, ସୁଶାନ୍ତ କାଞ୍ଚିଆ, ସନ୍ତୋଷ ସାମଲ, ଯୋଗେନ୍ଦ୍ର ବାଡତ୍ୟା, ପ୍ରବୀଣ କୁମାର ଜେନା, ସୁବ୍ରତ ଜେନା, ପ୍ରେମ ବିଷୋୟୀ, ନିରାକାର ବିଷୋୟୀ, ବିଧାନ ନାୟକ, ଦଣ୍ଡପାଣି ଗୌଡ଼, ରବୀନ୍ଦ୍ର ବିଷୋୟୀ, ତୀର୍ଥବାସୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ରଖିଥିଲେ। ନେତାଜୀ ବିଷୋୟୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅଙ୍ଗନୱାଡ଼ି କର୍ମୀଙ୍କୁ ସ୍କାର୍ଟ ନବରତ୍ନ ସମ୍ମାନ



ପାତ୍ରପୁର, ୨।୧୨(ଉମା ଚରଣ ନେପାକ)
ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଢୁଙ୍ଗୁରୁଗୁଡ଼ା ଗ୍ରାମର ଅଙ୍ଗନୱାଡି କର୍ମୀ ଜି.ରେଣୁଙ୍କୁ ସ୍କାର୍ଟ ନବରତ୍ନ ସମ୍ମାନ-୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ପାଇଁ ରାଜ୍ୟ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ତାଙ୍କୁ ମନୋନୀତ କରାଯାଇଥିଲା। କଳା ବିକାଶ କେନ୍ଦ୍ର କଟକଠାରେ ହୋଇଥିବା କାର୍ଯ୍ୟକ୍ରମରେ କଟକ ବିଧାୟିକାଙ୍କ ସହ ଅନ୍ୟ ଅତିଥିମାନେ ଜି.ରେଣୁଙ୍କୁ ଆଦର୍ଶ ଅଙ୍ଗନୱାଡି କର୍ମୀ ରୂପେ ପୁରସ୍କୃତ କରିଥିଲେ।

# ଏମ୍‌କେସିଜି ସୁରକ୍ଷା କର୍ମଚାରୀ ସଂଘ ବୈଠକ

ବ୍ରହ୍ମପୁର, ୨।୧୨ (ସୁବାସ ଚନ୍ଦ୍ର ପାଢ଼ୀ)
ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଦୀର୍ଘଦିନ ଧରି ବିଭିନ୍ନ ସର୍ଭିସ ପ୍ରୋଭାଇଡ଼ର ସଂସ୍ଥା ଦ୍ୱାରା ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଚାକିରୀର ସୁରକ୍ଷା ଓ ବର୍ତ୍ତମାନ ବଜାର ଦର ଅନୁସାରେ ସର୍ବନିମ୍ନ ମଜୁରୀର ବୃଦ୍ଧି ଭଳି ଅନେକ ଦାବୀକୁ ନେଇ ସଂଘ ମାଧ୍ୟମରେ ସମାଧାନ କରିବାକୁ ସମସ୍ତ ସୁରକ୍ଷା କର୍ମଚାରୀଙ୍କୁ ନେଇ ସୋମବାର ଓଡିଶା ମେଡିକାଲ ସୁରକ୍ଷା କର୍ମଚାରୀ ସଙ୍ଘ ଗଠନ ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି ଓ ସ୍ଥାନୀୟ ମେଡିକାଲ କ୍ୟାମ୍ପସ ସ୍ଥିତ ଚକ୍ଷୁ ହସ୍ପିଟାଲ ସମ୍ମୁଖରେ ଆୟୋଜିତ ବୈଠକରେ ୨୨ ଜଣିଆ କମିଟି ଗଠିତ ହୋଇଥିଲା। ବର୍ତ୍ତମାନ ସୁରକ୍ଷା ସେବା ଯୋଗାଉଥିବା ସଂସ୍ଥାର ଟେଣ୍ଡର ଅବଧି ସରି ଆସୁଥିବା ବେଳେ, ପରବର୍ତ୍ତୀ ସମୟରେ ନୂତନ ସଂସ୍ଥା ଆସିଲେ ବେଆଇନ ଆର୍ଥିକ କାରବାର ସହ କର୍ମଚାରୀଙ୍କୁ ବିନା କାରଣରେ ଛଟେଇ କରାଯାଉଛି। ଇପିଏଫ/ଇଏସଆଇର ପୈଠରେ ଅସଂଗତି ଲାଗି ରହୁଥିବା ବେଳେ ଦରମା ମଧ୍ୟ ସଠିକ ସମୟରେ ନମିଳୁଥିବାରୁ ଅସନ୍ତୋଷ ଦେଖାଦେଇଛି। ମହିଳା କର୍ମଚାରୀଙ୍କ ପାଇଁ ରେଷ୍ଟ ରୁମ ଓ ଶୌଚାଳୟ ବ୍ୟବସ୍ଥା ନଥିବା ବେଳେ,



ବୈଠକରେ ଉପସ୍ଥିତ ସୁରକ୍ଷା କର୍ମଚାରୀ।

କାର୍ଯ୍ୟକ୍ଷେତ୍ରରେ ରୋଗୀ ସମ୍ପର୍କୀୟଙ୍କଠାରୁ ଅଶ୍ଳୀଳ ବ୍ୟବହାର ଓ ଆକ୍ରମଣ ଭଳି ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲରେ ରୋଗୀ ଓ ସମ୍ପର୍କୀୟ ମାନଙ୍କ ସୁରକ୍ଷା ସହ ସେମାନଙ୍କଠାରୁ ଚୋରି ଘଟଣା ବୃଦ୍ଧି ପାଉଛି। କିନ୍ତୁ ଆବଶ୍ୟକ ସିସି କ୍ୟାମେରା ଓ ବୈଷୟିକ ବ୍ୟବସ୍ଥା ନ ଥିବା କାରଣରୁ ଏହି ସୁରକ୍ଷା କର୍ମଚାରୀଙ୍କୁ ଦୋଷ ଦେଇ ଛଟେଇ ଭଳି କାର୍ଯ୍ୟାନୁଷ୍ଠାନ ସହ ମେଡିକାଲ ପ୍ରଶାସନ ଚୁପ ରହୁଛ। ତେଣୁ ଏ ସବୁ ବ୍ୟବସ୍ଥାର ସ୍ଥାୟୀ ସମାଧାନ ପାଇଁ ସଙ୍ଘ ଦାବୀ ରଖିଛି। ମେଡିକାଲ କର୍ମଚାରୀ ନେତା ପି. ରମେଶ ରାଓଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। କେ. ମଧୁସୂଦନ ରାଓଙ୍କୁ ସଭାପତି, ବିଚିତ୍ର ସାହୁ, ସମ୍ପାଦକ, ଶ୍ରୀନିବାସ ପଟ୍ଟନାୟକ ଉପସଭାପତି, ପିଣ୍ଟୁ ପ୍ରଧାନ ଯୁଗ୍ମ ସମ୍ପାଦକ, କେ. ଦାନ୍ନାମା କୋଷାଧ୍ୟକ୍ଷ, ସୁନିତା ଡାକୁଆ ଉପ-କୋଷାଧ୍ୟକ୍ଷ ଓ ୨୨ ଜଣିଆ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି ଓ ଉକ୍ତ କାର୍ଯ୍ୟକ୍ରମରେ ସଙ୍ଘର ଉପଦେଷ୍ଟା ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ଅନୁବନ୍ଧିତ ସର୍ବଭାରତୀୟ ଶ୍ରମିକ ସଙ୍ଘର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ପି. ରମେଶ ରାଓ, ପୂର୍ଣ୍ଣ ଚନ୍ଦ୍ର ଗୌଡ଼, ଭରତ ବେହେରା, ଚିତ୍ତରଞ୍ଜନ ନାୟକ, ବିଜୟ କୁମାର ଗୌଡ଼ ଓ ସମସ୍ତ ସୁରକ୍ଷା କର୍ମଚାରୀ ଉପସ୍ଥିତ ଥିଲେ ।

## ଏପିକେ ଫାଇଲ ଡାଉନ୍‌ଲୋଡ ନ କରିବାକୁ ସାଇବର ପୋଲିସର ସଚେତନତା

ବ୍ରହ୍ମପୁର, ୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)
ସାଇବର ଠକ ମାନେ ଦିନକୁ ଦିନ ନୂଆ କୌଶଳ ପ୍ରୟୋଗ କରି ଲୋକଙ୍କୁ ଠକିବାରେ ଲାଗିଛନ୍ତି। ସଚେତନତା ଅଭାବରୁ ଏହି ଗ୍ୟାଙ୍ଗ ସବୁ ବର୍ଗର ଲୋକଙ୍କୁ ଟାର୍ଗେଟ କରି କୋଟି କୋଟି ଟଙ୍କା ଠକି ନେବାରେ ଲାଗିଛନ୍ତି। ପୋଲିସ ପକ୍ଷରୁ ଲଗାତର ଭାବେ ଲୋକଙ୍କୁ ସାଇବର ଠକଙ୍କ ଶିକାର ନ ହେବା ପାଇଁ ପ୍ରୟାସ ଜାରି ରହିଛି। ବର୍ତ୍ତମାନ ମୋବାଇଲର ୱାଟସଆପକୁ ଆସୁଥିବା ଏପିକେ ଫାଇଲ ଡାଉନଲୋଡ ନକରିବାକୁ ପରାମର୍ଶ ଦେଇଛି ବ୍ରହ୍ମପୁର ସାଇବ ଥାନା ପୋଲିସ । ଆଜିକାଲି ସାଇବର ଠକମାନେ ଲୋକଙ୍କ ମୋବାଇଲକୁ ଏପିକେ ଫାଇଲ ପଠାଇ ଟଙ୍କା ଠକି ନେଉଥିବା ଘଟଣା ସାମ୍ନାକୁ ଆସୁଛି । ଅଜଣା ନମ୍ବରରୁ ଆସୁଥିବା ଏହି ଏପିକେ ଫାଇଲକୁ ଯଦି କୌଣସି ବ୍ୟକ୍ତି ନିଜ ମୋବାଇଲର ୱାଟସଆପ କିମ୍ବା ଅନ୍ୟ କୌଣସି ଆପରେ ଖୋଲି ଦେଖନ୍ତି ତେବେ କିଛି ସମୟ ମଧ୍ୟରେ ତାଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା ଗାଏବ ହୋଇଯାଉଛି ବୋଲି ସାଇବର ଥାନା ପକ୍ଷରୁ ଏକ ଭିଡିଓ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି । ତେଣୁ ଜନସାଧରଣ ଏ ଦିଗରେ ସତର୍କ ରହି ସାଇବର ଠକେଙ୍କ କବଳରୁ ବର୍ତ୍ତିବାକୁ ପରାମର୍ଶ ଦିଆଯାଇଛି ।

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୨।୧୨(ଗିରିଧାରୀ ପରିଛା)
ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଜତିନ୍ଦ୍ର କୁମାର ପଣ୍ଡା,ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ ଯୋଗ ଦେଇ ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା,ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ଆସିଥିବା ୭୦ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ୫୫ଟି ଓ ଗ୍ରାମଭିତ୍ତିକ ସମସ୍ୟା ସମ୍ବଳିତ ୧୫ଟି ଅଭିଯୋଗ ରହିଥିଲା। ୬ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି । ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନ୍ ଆର୍‌ଇଜିଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟାଭିତ୍ତିକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୁଣାଣିରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ଆଲି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷିଣ ଓଡ଼ିଶା ବିଶ୍ୱକର୍ମା ସମାଜ ଗଞ୍ଜାମ ଜିଲା ପ୍ରଶାସନର ଦ୍ୱାରସ୍ଥ

ଛତ୍ରପୁର, ୨।୧୨(ଦିଲ୍ଲିପ ସାମଲ)
ବଢେଇ ଜାତିର ଆବେଦନକାରୀ ମହିଳା,ପୁରୁଷ, ଓ ଛାତ୍ରୀଛାତ୍ରୀଙ୍କୁ ଓବିସି ପ୍ରମାଣ ପତ୍ର ପ୍ରଦାନ କ୍ଷେତ୍ରରେ ରହିଥିବା ତ୍ରୁଟି ସଂଶୋଧନ କରି ପ୍ରମାଣପତ୍ର ପ୍ରଦାନ କରିବାକୁ ଦକ୍ଷିଣ ଓଡିଶା ବିଶ୍ୱକର୍ମା ସମାଜ (ବଢେଇ କୁଳ) ଦାବି କରିଛି। କର୍ମକର୍ତ୍ତାମାନେ ସୋମବାର ଗଞ୍ଜାମ ଜିଲା ପ୍ରଶାସନର ଜଉଗଡ଼ ସମ୍ମିଳନୀ କକ୍ଷରେ ଚାଲିଥିବା ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ (ସାଧାରଣ )ଡ. ପ୍ରମୋଦ ପୃଷ୍ଟିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ )ସୁଧାଂଶୁ ଭୋଇଙ୍କୁ ଭେଟି ଦାବିପତ୍ରର ନକଲ ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳଙ୍କ ସହ ଏବିଷୟରେ ଆଲୋଚନା କରିଛନ୍ତି। ସେମାନଙ୍କ ଜମିବାଡ଼ି, ଘରବାରି ପଟ୍ଟା ସହ ବିଭିନ୍ନ ନଥିପତ୍ରରେ ବଢେଇ ଜାତି ଉଲ୍ଲେଖ ଅଛି। ସରକାରଙ୍କ ତାଲିକାଭୁକ୍ତ ବଢେଇ ଜାତି ଯଦିଓ ଏସଇବିସି ପାଉଛି, କିନ୍ତୁ ଓବିସି ପ୍ରମାଣ ପତ୍ରରେ ଜାତିର ନାମ ବଢେଇ ବଦଳରେ ବଢାଇ ବାହାରୁଛି। ‘ବଢାଇ’କୁ ସଂଶୋଧନ କରି ‘ବଢେଇ’ କରିବାକୁ ସେମାନେ ଦାବି କରିଛନ୍ତି। ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ ୨୩।୧୨। ୨୦୧୫ରେ ଏନେଇ ରଜୁ ଏକ ମାମଲାର ବିଚାର କରି ଆବେଦନକାରୀଙ୍କୁ ‘ବଢାଇ’ ବଦଳରେ ‘ବଢେଇ’ ନାମରେ ଓବିସି ପ୍ରମାଣ ପତ୍ର ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସଂଖ୍ୟାଲଘୁ ଓ ପଛୁଆବର୍ଗ ମଙ୍ଗଳ ବିଭାଗ ଚିଠି ନଂ. ୬୩୭୭/ ଓବିସି ୧୭/୨୦୨୪ ଅନୁସାରେ ଆବେଦନକାରୀଙ୍କୁ ବଢେଇ ଜାତି ରୂପେ ପ୍ରମାଣ ପତ୍ର ପ୍ରଦାନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ପ୍ରଶାସନ ଏହାକୁ ସଂଶୋଧନ କରି ଓବିସି ପ୍ରମାଣପତ୍ର ଦେବାରେ ଅବହେଳା କରୁଛି ବୋଲି କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି।



## ଡ.ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବଲ୍ ଟ୍ରଷ୍ଟର ବୈଠକ

ଖଲ୍ଲିକୋଟ, ୨।୧୨(ପ୍ରଶାନ୍ତ କୁମାର ମିଶ୍ର)
ଖଲ୍ଲିକୋଟସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ବୈଠକ ଗୃହରେ ଡ.ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସାମାଜିକ କର୍ମୀ ଅନିଲ ପଣ୍ଡା, ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭ୍ୟ ବିପିନ ମିଶ୍ର ଉପସ୍ଥିତ ଥିଲେ। ଟ୍ରଷ୍ଟର ସମ୍ପାଦକ ପଞ୍ଚାନନ ସୁର ଜୟଦେବ ଭବନ ଠାରେ ପାଳିତ ହେବାକୁ ଥିବା ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ବୈଠକରେ ଶୁଭଶ୍ରୀ ବିଶ୍ୱାଳ, ମହାଦେବ ମଲ୍ଲିକ, ଦଣ୍ଡପାଣି ବେହେରା, ଅଜିତ ଭାର୍ଗବ, ଶ୍ରୀପ୍ରସାଦ ଆଚାର୍ଯ୍ୟ, ସରୋଜ କୁମାର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ମହାପାତ୍ର, ସୁଭାସ ବିଶ୍ୱାଳ, ଅବନି କୁମାର ନାୟକ, ବନୀତା ସ୍ୱାଇଁ, ବିଜୟ ବିଶ୍ୱାଳ, ଗୋପୀନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସୀମାକୁ ନେଇ ସଂଘର୍ଷ ଘଟଣା: ଜେଲ୍ ଗଲେ ୪ ଅଭିଯୁକ୍ତ

ଦିଗପହଣ୍ଡି, ୨।୧୨ (ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ବ୍ଲକ୍ ଭ୍ରମରପୁର ପଞ୍ଚାୟତ ନାରାୟଣପୁର ଗ୍ରାମରେ ଗୁହାଳ ଘର ସୀମା ଚିହ୍ନଟକୁ କେନ୍ଦ୍ର କରି ନଭେମ୍ବର ୧୨ ତାରିଖରେ ଦୁଇ ପରିବାର ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ହୋଇଥିଲା। ଏହି ଘଟଣାରେ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ଏସ୍‌ଆଇ ଜଗବନ୍ଧୁ ବାର୍ଲା ସୋମବାର ଉଭୟ ପକ୍ଷର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବାଇଲଟୁ ଗୌଡ଼, ଚୈତନ୍ୟ ଗୌଡ଼, ଦଣ୍ଡପାଣି ଗୌଡ଼ ଏବଂ ବାଲ୍ୟକୃଷ୍ଣ ଗୌଡ଼। ପୃଥକ ମାମଲା ନଂ.୩୪୮/୨୪ ଏବଂ ୩୪୯/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଘଟଣା ଦିନ ଆକ୍ରମଣ ପ୍ରତି ଆକ୍ରମଣରେ ଉଭୟପକ୍ଷର ବାପି ଗୌଡ଼ ଏବଂ ଦଣ୍ଡପାଣି ଗୌଡ଼ ଗୁରୁତର ଆହତ ହୋଇଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ

ବ୍ରହ୍ମପୁର, ୨।୧୨(ସ୍ୱାଧୀନ ଶେଖର ପାଢ଼ୀ )
ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ପ୍ରେରଣାରେ ଏହି ଅବସରେ ଏକ ସଭା ହୋଇଥିଲା। ବିଭାଗୀୟ ମୁଖ୍ୟା ଡ଼. ସସ୍ମିତା ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଖ୍ୟ ଅତିଥି ସ୍ନାତକ ପରିଷଦ ଅଧକ୍ଷା ଡ଼ ପଦ୍ମିନୀ ସାହୁ ଓ ସମ୍ମାନନୀୟ ଅତିଥି ଡେପୁଟି ରେଜିଷ୍ଟାର ପ୍ରାଧ୍ୟପକ ଡ଼. ଦୀପକ କୁମାର ମିଶ୍ର, ଛାତ୍ର କଲ୍ୟାଣ ଅଧିକାରୀ ଡ଼. ଉଷାରାଣୀ ରଥ। ପ୍ରଦୂଷଣର କାରଣ ଓ ନିରାକରଣ ଉପରେ ସଭାରେ ଆଲୋକପାତ ହୋଇଥିଲା। ବିଦ୍ୟାର୍ଥୀଙ୍କ ପକ୍ଷରୁ ବିଭିନ୍ନ ମୋଡେଲ ଓ ପୋଷ୍ଟର ପ୍ରଦର୍ଶନୀ କରଯାଇଥିଲା । ଡ଼. ମିତ୍ରା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ଼. ରଶ୍ମିତା ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ଚାପକୁ ପ୍ରତିହତ ପାଇଁ ଏକାଠି ହେଲେ କଂଗ୍ରେସ କର୍ମୀ

ଧରାକୋଟ, ୨।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଧରାକୋଟ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଶାସକ ଦଳର ନେତାଙ୍କ ଅଯଥା ହସ୍ତକ୍ଷେପ କରିବା ସହ ପ୍ରଶାସନିକ ଅଧିକାରୀଙ୍କୁ ବଦଳିର ଧମକ ଦେବା ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ବିଡିଓ ଡେନିସ ବେହେରାଙ୍କୁ ଭେଟି ଆଲୋଚନା କରିଛନ୍ତି। କଂଗ୍ରେସର ବରିଷ୍ଠ ନେତା,ପଞ୍ଚାୟତ ପ୍ରତିନିଧି ଓ ଛାମୁଆ କର୍ମୀମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ସମର୍ଥିତ ଜାହାଡା ସରପଞ୍ଚ ସତ୍ୟବାଦୀ ସ୍ୱାଇଁ, ଗୋଳା ଦାମୋଦର ପଲି ସରପଞ୍ଚ କମଳ ଲୋଚନ ରେଡ୍ଡୀ, ଗୁଗୁମୁ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ମୁଣ୍ଡମରାଇ ସମିତି ସଭ୍ୟ ମାନିନୀ ପାତ୍ର, ସିଙ୍ଗିପୁର ସମିତିସଭ୍ୟ ମମତା ଦାସଙ୍କ ସମେତ ପଞ୍ଚାୟତ ସ୍ତରର କଂଗ୍ରେସ ସଙ୍ଗଠକ ଶତ୍ରୁଘ୍ନ ଗୌଡ଼, ସୁନୀଲ ଚୌଧୁରୀ, ସୁଧାକର ସ୍ୱାଇଁ, ବାସୁଦେବ ପାତ୍ର, ଶିବରାମ ବାଡତ୍ୟା, ଅନ୍ତର୍ଯାମୀ ପ୍ରଧାନ, ସୀମାଞ୍ଚଳ ରେଡ୍ଡୀ, ନିରଞ୍ଜନ ଛାଟୋଇ, ପାଣ୍ଡବ ଭୂୟାଁ, ସନ୍ତୋଷ ଭୂୟାଁ, ପ୍ରସନ୍ନ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଲୋକାଭିମୁଖୀ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା, ବିଭିନ୍ନ ସମୟରେ ସରକାରୀ ଦଳର ନେତାମାନେ ବ୍ଲକ ପ୍ରଶାସନ ଉପରେ କରୁଥିବା ଅଯଥା ଚାପ ପ୍ରୟୋଗକୁ ପ୍ରତିହତ କରିବା, ଶାସକ ଦଳର କଥା ନ ମାନିଲେ ଏଠାରୁ ଅନ୍ୟତ୍ର ବଦଳି ପାଇଁ ଧମକକୁ ଗୁରୁତ୍ୱ ନ ଦେବା,ବ୍ଲକ ନିରପେକ୍ଷ ଓ ସ୍ୱାଧୀନ ଭାବେ କାର୍ଯ୍ୟକରିବା ଉପରେ ଆଲୋଚନା ହୋଇଥିଲା।

# ଅଧିକ ଟଙ୍କା ଦେଲେ ସଚଳ ହେବ ଲିଫ୍ଟ

ବ୍ରହ୍ମପୁର, ୨।୧୨(ସ୍ୱାଧୀନ ଶେଖର ପାଢ଼ୀ)
ବିଦ୍ୟାର୍ଥୀଙ୍କ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅଜସ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି। ବ୍ରହ୍ମପୁର ଶଶି ଭୂଷଣ ରଥ ସ୍ୱୟଂଶାସିତ ମହିଳା କଲେଜ ପାଇଁ ବି ଗୁଡିଏ ଟଙ୍କା ଖର୍ଚ୍ଚରେ ୫ ମହଲା କୋଠା ନିର୍ମାଣ ହୋଇଛି। କିନ୍ତୁ ୩ ବର୍ଷ ହେଲା ଲିଫ୍ଟ କାର୍ଯ୍ୟକ୍ଷମ ନହେବାରୁ ଅସନ୍ତୋଷ ଲାଗି ରହିଛି। ଅଧିକ ଟଙ୍କା ପୈଠ କଲେ ଲିଫ୍ଟ ପାଇଁ ସ୍ୱତନ୍ତ୍ର ବିଦ୍ୟୁତ ମିଳିବ ବୋଲି ଟାଟା ପାୱାର କହିବା ପରେ କଲେଜ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି। ଛାତ୍ରୀମାନେ ୫ ମହଲା ଉପରକୁ ଉଠିବାକୁ ନାକେଦମ ହୋଇପଡୁଛନ୍ତି। କଲେଜକୁ ଯୁକ୍ତ ୨ ଓ ଯୁକ୍ତ ୩ ଏବଂ ସ୍ନାତକୋତ୍ତର

**ଶଶି ଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା କଲେଜ**

ଶ୍ରେଣୀର ପ୍ରାୟ ୪ ହଜାରରୁ ଅଧିକ ଛାତ୍ରୀ ଅଧ୍ୟୟନ କରିବାକୁ ଆସୁଛନ୍ତି। ସେହି ଅନୁସାରେ କଜେଲର କଳେବର ବୃଦ୍ଧି ପାଇଁ ଗତ ୨୦୨୧ରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୧୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ଉକ୍ତ ସୁଉଚ୍ଚ କୋଠା ନିର୍ମାଣ ହୋଇଥିଲା। ବିଦ୍ୟାର୍ଥୀ ଓ ଅଧାପିକାଅଧାପକଙ୍କ ସୁବିଧା ନିମନ୍ତେ ଉପର କୋଠାକୁ ଉଠିବା ପାଇଁ ୨ଟି ଲିଫ୍ଟ ବ୍ୟବସ୍ଥା କରାଯାଇଥିଲା। ୫ ମହଲା ବିଶିଷ୍ଟ କୋଠାର ବିଭିନ୍ନ ମହଲାରେ ବିଦ୍ୟାର୍ଥୀଙ୍କ କ୍ଲାସ ରହିଛି। ସାଧାରଣ ଛାତ୍ରୀଙ୍କ ସମେତ ଅନେକ ଦିବ୍ୟାଙ୍ଗ ଛାତ୍ରୀ ବି ଅଛନ୍ତି। ଉପର କୋଠାକୁ ଯିବା କଷ୍ଟ ହେଉଛି ବୋଲି ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଲିଫ୍ଟ କାର୍ଯ୍ୟକାରୀ ପାଇଁ ଥ୍ରୀ-ଫେଜ ଲାଇନ ଦରକାର। କଲେଜ କର୍ତ୍ତୃପକ୍ଷଙ୍କ କହିବାନୁସାରେ ପୂର୍ବରୁ ସାଉଥକୋ ସହିତ ଯୋଗାଯୋଗ କରାଯାଇଥିଲା। ଲିଫ୍ଟ ପାଇଁ ୨୦୨୧ ଅଗଷ୍ଟରେ ଧାର୍ଯ୍ୟ ଟଙ୍କା ପୈଠ ମଧ୍ୟ କରାଯାଇଥିବା ସାଉଥକୋ ସ୍ୱୀକାର କରିଛି। କିନ୍ତୁ ଥ୍ରୀ-ଫେଜ ଲାଇନ ଦେବାରେ ବିଳମ୍ବ ହୋଇଥିବା ବେଳେ ସେହି ସମୟରେ ସାଉଥକୋ ହାତରୁ ଟାଟା ପାୱାର ଦାୟିତ୍ୱ ନେଇଥିଲା। ଏନେଇ ଟାଟା ପାୱାରକୁ ବି କଲେଜ ପକ୍ଷରୁ ବାରମ୍ବାର ଅବଗତ କରାଯାଇଛି। ତଥାପି ଥ୍ରୀ-ଫେଜ ବିଦ୍ୟୁତ କଲେଜକୁ ମିଳିନି। ଏ ସମ୍ପର୍କରେ ଟାଟାପାୱାର ପକ୍ଷରୁ ଗତବର୍ଷ ସେପ୍ଟେମ୍ବରରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏକ ଚିଠି କରାଯାଇଥିଲା। ପୂର୍ବରୁ ମହାବିଦ୍ୟାଳୟ ପକ୍ଷରୁ ପୈଠ ହୋଇଥିବା ଧାର୍ଯ୍ୟ ଟଙ୍କାର ଅଧିକ ୩୭ ପ୍ରତିଶତ ଟଙ୍କା ପୈଠ କଲେ ଥ୍ରୀ-ଫେଜ ଲାଇନ ସଂଯୋଗ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ଥିଲା। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ବିଭାଗ ପକ୍ଷରୁ ଅବଶିଷ୍ଟ ଟଙ୍କା ଆସିଲେ ଟାଟା ପାୱାରକୁ ପୈଠ କରାଯିବ ଏବଂ ଲିଫ୍ଟ ସଚଳ ହେବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଚିତ୍ତରଞ୍ଜନ ଶତପଥୀ କହିଛନ୍ତି। ଏଣେ ଅଚଳ ଲିଫ୍ଟ କାର୍ଯ୍ୟକ୍ଷମ ପାଇଁ କଲେଜ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହୋଇଛି।

